SAMABD, MAY 4, 2016

ଢେଙ୍କାନାଳରେ ଜିଏମ୍‌ଆର୍‌ କମଳାଙ୍ଗ୍‌ର ଜୀବିକା ପ୍ରକଳ୍ପ

ଭୁବନେଶ୍ୱର, ୩/୫: ଢେଙ୍କାନାଳ ଜିଲ୍ଲାରେ ଜିଏମ୍‌ଆର୍‌ କମଳାଙ୍ଗ ଏନର୍ଜି ଲିମିଟେଡ୍‌ (ଜିକେଇଏଲ୍‌) ପକ୍ଷରୁ ପ୍ରକଳ୍ପ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ପାଇଁ ଆରମ୍ଭ କରାଯାଇଥିବା ଜୀବିକା ପ୍ରକଳ୍ପ। ଏହି ପ୍ରକଳ୍ପ ଜରିଆରେ କଂପାନି କୃଷି ଭିତ୍ତିକ କାର୍ଯ୍ୟ, ଦକ୍ଷତା ବିକାଶ ତାଲିମ ଓ ଲଘୁ ଉଦ୍ୟୋଗ ଜରିଆରେ ପରିବାରଗୁଡ଼ିକର ଆୟ ବଢ଼ାଇବା ପାଇଁ ସହାୟତା ଯୋଗାଇ ଦେଉଛି। କଂପାନିର ସିଏସ୍‌ଆର୍‌ ଶାଖା ଜିଏମ୍‌ଆର୍‌ ଭାରଲକ୍ଷ୍ମୀ ଫାଉଣ୍ଡେସନର କମ୍ୟୁନିଟି ସେବା ନିର୍ଦ୍ଦେଶକ ମୀନା ରଘୁନାଥନ କହିଛନ୍ତି ଯେ, ଆମେ ପାଇଲଟ୍‌ ପ୍ରକଳ୍ପ ଭିତ୍ତିରେ ଏହି କାର୍ଯ୍ୟ ଆରମ୍ଭ କରିଛୁ। କମଳାଙ୍ଗ ଅଞ୍ଚଳ ବାସିନ୍ଦାର ଆର୍ଥିକ ସ୍ଥିରତା ଆଣିବାରେ ଏହି ପ୍ରକଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରିବ। ଢେଙ୍କାନାଳର କମଳାଙ୍ଗଠାରେ ଜିଏମ୍‌ଆର୍‌ର ୧୦୫୦ ମେଗାୱାଟ୍‌ର ପାୱାର ପ୍ଲାଣ୍ଟ୍‌ ରହିଛି। ଏହି ପ୍ରକଳ୍ପକୁ ୩୦ ବର୍ଷ ପର୍ଯ୍ୟନ୍ତ ଜାରି ରଖାଯିବ। ଏହା ଦ୍ୱାରା ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ୧୪୬୭ଟି ପରିବାର ଲାଭବାନ ହେବେ। ଏହି ପ୍ରକଳ୍ପରେ ୨୮ ପ୍ରକାର ଜୀବିକା ସହାୟତା ଯୋଗାଇ ଦିଆଯିବ। ଜିଏମ୍‌ଆର୍‌ ପକ୍ଷରୁ ଏହି ଅଞ୍ଚଳରେ ସିଏସ୍‌ଆର୍‌ କାର୍ଯ୍ୟ ପାଇଁ ୧୮ କୋଟି ଟଙ୍କାରୁ ଅଧିକ ଖର୍ଚ କରାଯାଇସାରିଲାଣି। କଂପାନିର ସିଏସ୍‌ଆର୍‌ ଶାଖା ଶିକ୍ଷାଠାରୁ ଆରମ୍ଭ କରି ପରିମ, ଶସକ୍ତିକରଣ, କମ୍ୟୁନିଟି ଡେଭେଲପମେଣ୍ଟ୍‌ ଆଦି ୫ଟ୍ରରେ କାର୍ଯ୍ୟ କରୁଛି। କଂପାନି ପକ୍ଷରୁ କମଳାଙ୍ଗ ଅଞ୍ଚଳରେ ଏକ ୩୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍‌ ପ୍ରତିଷ୍ଠା କରାଯାଇଥିବା ବେଳେ ଇଂରାଜି ମାଧ୍ୟମ ଡିଏଭି ସ୍କୁଲ୍‌ ଖୋଲାଯାଇଛି। କଂପାନି ପକ୍ଷରୁ ୨୫୦୦ ସଦସ୍ୟଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯାଇଛି।

GMR launches Livelihood restoration project in Odisha